ଗୋ-ସମ୍ବର୍ଦ୍ଧନା ବିଶେଷାଙ୍କ

# ବିକାଶ

(ଓଡ଼ିଶା ପଶୁସମ୍ପଦ ବିକାଶ ସମିତିର ଦ୍ୱିମାସିକ ମୁଖପତ୍ର)

୨୦୦୫ ମସିହା ଅଗଷ୍ଟ - ସେପ୍ଟେମ୍ବର ଓ ଅକ୍ଟୋବର - ନଭେମ୍ବର | କଟକ, ଓଡ଼ିଶା | ସଂଖ୍ୟା - ୩





## ବାର୍ତ୍ତା

ଚଳିତ ବର୍ଷ ନଭେମ୍ବର ମାସ ୩ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ୫୪ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ ପାରମ୍ପାରିକ ଭିତ୍ତିରେ ସମଗ୍ର ରାଜ୍ୟରେ ପାଳିତ ହେଉଥିବାରୁ ଏବଂ ଏହି ଉପଲକ୍ଷେ ପଶୁ ସମ୍ପଦ ବିକାଶ ବିଭାଗ ତରଫରୁ ଦ୍ୱୈମାସିକ ମୁଖପତ୍ର 'ବିକାଶ'ର ଏକ ବିଶେଷାଙ୍କ ପ୍ରକାଶିତ ହେଉଥିବାରୁ ମୁଁ ସମସ୍ତ ଗୋପାଳଙ୍କ ତଥା ଚାଷୀଭାଇ ଓ ଭଉଣୀ ଏବଂ ବିଭାଗୀୟ କର୍ମକର୍ତ୍ତାମାନଙ୍କୁ ଆନ୍ତରିକ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଉଅଛି ।

ବହୁ ପୁରାତନ କାଳରୁ ଗୋପାଳନ ମନୁଷ୍ୟ ସଭ୍ୟତା ସହ ସମାନ୍ତରାଳ ଭାବରେ ଗତି କରି ଆସୁଅଛି । ଗୋମାତା ଆମର ସର୍ବଶ୍ରେଷ୍ଠ ଶ୍ରଦ୍ଧାର କେନ୍ଦ୍ର ଏବଂ ମହାନ ଭାରତୀୟ ସଂସ୍କୃତିର ଆଧାରଶିଳା । ଗୋମାତା ଆମ ସ୍ୱାସ୍ଥ୍ୟର ଆଧାର ଓ ଆର୍ଥିକ ସମୃଦ୍ଧିର ମୁଖ୍ୟସ୍ରୋତ । ଆମ ରାଜ୍ୟରେ ଗୋ-ସଂପଦର ବିକାଶ ସହିତ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ 'ଜାତୀୟ ଗୋ-ପ୍ରଜନନ ଯୋଜନା' କାର୍ଯ୍ୟକାରୀ ହେଉଅଛି । ଏଥି ସହିତ ବେକାର ଯୁବକଯୁବତୀଙ୍କ ଆତ୍ମନିଯୁକ୍ତି ନିମନ୍ତେ 'ଗୋ-ମିତ୍ର' ପଦବୀ ସୃଷ୍ଟି ସହିତ ବିଭିନ୍ନ ଋଣ ଯୋଜନା ମାଧ୍ୟମରେ 'ଗୋପାଳନ' ପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଅଛି ।

ଆମ ରାଜ୍ୟର ଅଗଣିତ ଗୋପାଳକ ତଥା ଚାଷୀଭାଇ ଓ ଭଉଣୀମାନେ ଉନ୍ନତ ଗୋପାଳନ କରି ରାଜ୍ୟରେ ଦୁଗ୍ଧ ଉତ୍ପାଦନ ମାଧ୍ୟମରେ ଆର୍ଥିକ ବିକାଶ ଘଟାଇ ପାରିଲେ ଏହି ସପ୍ତାହର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇ ପାରିବ ବୋଲି ମୋର ଦୃଢ଼ ଆଶା ଓ ବିଶ୍ୱାସ ।

ମନ୍ତ୍ରୀ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ, ଓଡ଼ିଶା

---

ସି.କେ. ବେଣୁଗୋପାଳ<br>
କମିଶନର ତଥା ଶାସନ ସଚିବ<br>
ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ,<br>
ଓଡ଼ିଶା, ଭୁବନେଶ୍ୱର



## ବାର୍ତ୍ତା

ପ୍ରତିବର୍ଷଭଳି ଚଳିତବର୍ଷ ନଭେମ୍ବର ମାସ ୩ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ୫୪ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ ରାଜ୍ୟରେ ପାଳିତ ଏବଂ ଏହି ଉପଲକ୍ଷେ ପଶୁ ସଂପଦ ବିକାଶ ବିଭାଗ ତରଫରୁ ଦ୍ୱୈମାସିକ ମୁଖପତ୍ର 'ବିକାଶ'ର ଗୋ-ସମ୍ବର୍ଦ୍ଧନା ବିଶେଷାଙ୍କ ପ୍ରକାଶିତ ହେଉଥିବାରୁ ମୁଁ ରାଜ୍ୟର ସମସ୍ତ ଗୋ-ପ୍ରେମୀ ଭାଇ-ଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଉଅଛି ।

ଗୋସଂପଦ ବିକାଶ ମାଧ୍ୟମରେ ସମଗ୍ର ଓଡ଼ିଶାରେ ଆତ୍ମନିଯୁକ୍ତି, ପୁଷ୍ଟିସାର ଖାଦ୍ୟ ପାଇବାର ସୁବିଧା ଓ ରୋଜଗାରର ପନ୍ଥା ମିଳିବା ପାଇଁ ସୁଯୋଗ ସୃଷ୍ଟି କରାଯାଉଅଛି ।

ଓଡ଼ିଶା ପଶୁସମ୍ପଦ ବିକାଶ ସମିତି ଗୋସମ୍ପଦର ବିକାଶ ସାଧନରେ କ୍ରମାଗତ ଭାବରେ ପ୍ରଚେଷ୍ଟା କରିଆସୁଅଛି ।

ଆଜିର ଏହି ପବିତ୍ର ଗୋ-ସମ୍ବର୍ଦ୍ଧନା ସପ୍ତାହ ପାଳନ ଅବସରରେ ସମସ୍ତ ଗୋ-ପ୍ରେମୀ ତଥା ଗୋ-ମାଲିକମାନେ ଗୋ-ସଂପଦର ଉନ୍ନତି ସର୍ବବିଧ ନିମନ୍ତେ ଶପଥ ଗ୍ରହଣ କଲେ ଉକ୍ତ ସପ୍ତାହ ପାଳନର ମହତ୍ତ୍ୱ ସାଧିତ ହୋଇ ପାରିବ ।

ସ୍ୱା - ସି.କେ. ବେଣୁଗୋପାଳ<br>
କମିଶନର ତଥା ଶାସନ ସଚିବ,<br>
ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ, ଓଡ଼ିଶା, ଭୁବନେଶ୍ୱର

---

ବିଜୟ କୁମାର ଧଳ, ଆଇ.ଏ.ଏସ୍.<br>
ନିର୍ଦ୍ଦେଶକ, ପଶୁପାଳନ ଓ ପଶୁ ଚିକିତ୍ସା ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ



## ସମ୍ପାଦକୀୟ କଲମରୁ.......

ପ୍ରଚଳିତ ପରମ୍ପରା ଅନୁସାରେ ଚଳିତବର୍ଷ ନଭେମ୍ବର ମାସ ୩ ତାରିଖ ଠାରୁ ୯ ତାରିଖ ପର୍ଯ୍ୟନ୍ତ ବା ଗୋବର୍ଦ୍ଧନ ପୂଜା ଠାରୁ ଗୋପାଷ୍ଟମୀ ପର୍ଯ୍ୟନ୍ତ ରାଜ୍ୟବ୍ୟାପି '୫୪ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ' ପାଳିତ ହେଉଥିବାରୁ ମୁଁ ମୋର ସମସ୍ତ ଗୋପାଳକମାନଙ୍କୁ ଆନ୍ତରିକ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଉଅଛି ।

ଭାରତୀୟ ସଭ୍ୟତାରେ ଗୋପାଳନ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥିବାରୁ ବିଭିନ୍ନ ପର୍ବ ପର୍ବାଣୀରେ ଗୋ-ପୂଜାର ବିଧିବ୍ୟବସ୍ଥା ଆମ ଦେଶରେ ବହୁ ଆବାହନ କାଳରୁ ପ୍ରଚଳିତ । ଗୋ-ମାତା ହେଉଛି ସୁଖ ସମୃଦ୍ଧିର ପ୍ରତୀକ । ଗୋ-ମାତା ହେଉଛି ଆମର ଦ୍ୱିତୀୟ 'ମା' । ଗୋପାଳନରୁ ମୁଖ୍ୟତଃ ଆମେ ଦୁଇଟି ଉପକାର ପାଇଥାଉ । ପ୍ରଥମରେ ଆମ ଶରୀର ପାଇ ଆବଶ୍ୟକ ହେଉଥିବା ସୁଷମ ପୁଷ୍ଟିକର ଆଦର୍ଶ ଖାଦ୍ୟ ରୂପେ 'ଦୁଗ୍ଧ' ପାଇଥାଉ । ଏତଦ୍‌ବ୍ୟତୀତ ବଳଦ ଦ୍ୱାରା ଚାଷ ହୁଏ ଓ ବଳଦ ଆମକୁ ଅନ୍ନ ଦିଏ ।

ଆମେ ବହୁ ଉପକାର ପାଉଥିବା ପ୍ରାଣୀପ୍ରତି ଦୟା, ସେବା ଓ ଯତ୍ନ କଲେ ତାହା ଇଶ୍ୱରଙ୍କ ଠାରେ ସେବା ବୋଲି ପରିଗଣିତ ହୁଏ ।

ଗୋ-ବର୍ଦ୍ଧନ ପୂଜା ଓ ଗୋପାଷ୍ଟମୀକୁ ସଂଯୋଗ କରି ୧୯୫୨ ମସିହାରେ ଏହି ''ଗୋ-ସମ୍ବର୍ଦ୍ଧନା ସପ୍ତାହ'' ପାଳିତ ହୋଇଆସୁଅଛି । ଏହି ଉପଲକ୍ଷେ, ପଶୁ ସଂପଦ ବିଭାଗ ତରଫରୁ ଗ୍ରାମ ପଞ୍ଚାୟତ, ବ୍ଲକ୍, ଜିଲ୍ଲା ଓ ରାଜ୍ୟ ସ୍ତରରେ ଗୋ-ପ୍ରେମୀମାନଙ୍କୁ ସଚେତନତା କରିବା ଉଦ୍ଦେଶ୍ୟରେ ସଭା ଆୟୋଜନ, ଗୋ-ବତ୍ସ ପ୍ରଦର୍ଶନୀ, ପୁରସ୍କାର ବିତରଣ, ପଶୁ ଚିକିତ୍ସା ଶିବିର, ସବୁଜ ଘାସ ଚାରା ବଣ୍ଟନ, ଚଳଚିତ୍ର ପ୍ରଦର୍ଶନ, ତାଲିମ ଶିବିର, ପୁସ୍ତିକା ବଣ୍ଟନ ଇତ୍ୟାଦି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ।

ଏହି ଉପଲକ୍ଷେ ଏହି ଦ୍ୱୈମାସିକ ମୁଖପତ୍ର ''ବିକାଶ''ର ଗୋ-ସମ୍ବର୍ଦ୍ଧନା ବିଶେଷାଙ୍କ ପ୍ରକାଶ ପାଇବାକୁ ଯାଉଅଛି । ପରିଶେଷରେ ଏହି ପବିତ୍ର ''ଗୋ ସମ୍ବର୍ଦ୍ଧନା ସପ୍ତାହ'' ପାଳନର ସଫଳତା କାମନା କରିବା ସହିତ 'ବିକାଶ'ର ଉତ୍ତରୋତ୍ତର କାମନା କରୁଛି ।

---

**ଶଙ୍କର ଜାତୀୟ ଗାଈ ଓ ଛଡ଼ା ପାଳନ କରନ୍ତୁ ଓ ଅଧିକ କ୍ଷୀର ଉତ୍ପାଦନ କରି ଲାଭବାନ ହୁଅନ୍ତୁ**